# ଛୁରୀ

କାଟି ଦେଲି ଦିହ
ବାଣ୍ଟି ନେଲି
ଚାରିଭାଗ ।।୧

ବାପା ପିଇଗଲେ
ସବୁ ଦିହର ରକ୍ତ
ବୁଝେଇ ନେଲେ
ଅଙ୍ଗୁଳି ଧରା
ଡାକ୍ତର ସପନ
ଜେଜେଙ୍କ
କେନ୍‌ସର ଠିକଣା
ମଉସା, ହାକିମ ଚିଠି
ଗାଁ ଦାଣ୍ଡ, ବଡିମା ପୁଅ  ।।୨

ମାଆ ନେଲେ
ପୁରାଟା ମୁଣ୍ଡ
କୋଳ, ଅଞ୍ଜୁଳା
ପଣତ କାନି
ନିଅଣ୍ଟା ଥିଲା
ଡାଉଁରା ଭୂତକୁ  ।।୩

ବାନ୍ଧବୀ ନେଲା
ଦି' ଟା ପାଦ
କୁଆଡେ ବର
ମୋତେ ଖୁବ୍
ମାନୁଥିଲା
ଏଣୁ ଯେ
ତାକୁ କନିଆଁ
ଫୁଲା, ରଷା

ତଥାପି ଛୁଉଁ
ଥିଲା ପାଉଁ  ॥୪

ବାକି ଅଂଶ
ପାଇଲା ଚୁମ୍‌କି
ଛାତି ଭର୍ତ୍ତି
ୟୁନିଭ୍ରର୍ସିଟି ସ୍ପନ୍ଦନ
ରଙ୍ଗମଞ୍ଚ, ନାଟକ
ଅଭିନେତା ମୁଁ
ଥିଲା ସେ ଅଭିନେତ୍ରୀ  ॥୫

ଶେଷରେ ଛୁରୀ
ସେଇଠି ହିଁ ଥିଲା
ପାକଶାଳା ଟେବୁଲ ଉପରେ
ମୁଁ, ପରିପକ୍ୱ ବୟସ, ବେକାରୀ
ଓ ନିଃସଙ୍ଗ ଅସହାୟତା   ॥୬

ଦିଗମ୍ବର ପାତ୍ର